# Akashvani, Sambalpur

## SAMBALPURI NEWS EVENING BULLETIN

**2 August 2024- 7.02 pm- 7.12 pm.**

*********************************************

୧- ଦେଶେ ୩ ଟା ନୂଆଁ ଅପରାଧୀକ୍ ଆଇନ୍ କାର୍ଯ୍ୟକାରୀ ହେବାର୍ ଉତ୍ରୁ ନ୍ୟାୟ ବ୍ୟବସ୍ଥାଥି ଗୁଟେ ନୂଆଁ ଯୁଗ୍ ମୁଲ୍ ହେଇଛେ- କହେଲେ ରାଷ୍ଟ୍ରପତି ।

- ୨ ଦିନିଆ ରାଜ୍ୟପାଲ୍ ସମ୍ମିଳନୀକେ କଲେ ଉଦ୍‌ଘାଟନ୍ ।

୨- ରାଏଜେ ଚାଲିଥିବା ଭିନ୍ ଭିନ୍ନ ଉନ୍ନୟନ୍‌ମୂଳକ୍ ପ୍ରକଳ୍ପମାନ୍‌କର୍ ଅଗ୍ରଗତି ବାବ୍‌ଦେ ସମୀକ୍ଷା କଲେ ମୁଖ୍ୟ ଶାସନ୍ ସଚିବ ।

୩- ରାଏଜେ ୪ ଶହ ବର୍ଗ କିଲୋମିଟର୍‌ନୁ ଅଏତ୍‌କା ଜଙ୍ଗଲ୍ ଜମି ଜବର୍‌ଦଖଲ୍‌ଥି ଅଛେ- କହେଲେ ପି.ସି.ସି.ଏଫ୍ ।

ଆଉର୍

୪- ରାଏଜେ ବନ୍ୟା ଥିତି ନାଇଁନ ଆଉ ନଦୀ ମାନ୍‌କର୍ ଜଲ୍‌ସ୍ତର୍ ବିପଦ୍ ସଙ୍କେତ୍‌ନୁ କମ୍‌ଥି ରହିଛେ- ଜଳସମ୍ପଦ୍ ବିଭାଗ୍‌ର ସୂଚ୍‌ନା ।

ରାଜ୍ୟପାଲ୍ ସମ୍ମିଳନୀ          ପି.ଆଇ.ବି.

ଦେଶେ ଅପରାଧୀକ ନ୍ୟାୟ ବାବ୍‌ଦେ ୩ ଟା ନୂଆଁ ଆଇନ୍ କାର୍ଯ୍ୟକାରୀ ହେବାର୍ ଉତ୍‌ରୁ ନ୍ୟାୟ ବ୍ୟବସ୍ଥାର୍ ଗୁଟେ ନୂଆଁ ଯୁଗ୍ ମୂଳ୍ ହେଇଛେ ବଲି ରାଷ୍ଟ୍ରପତି ଶ୍ରୀମତୀ ଦ୍ରୌପଦୀ ମୁର୍ମୁ କହିଛନ୍ । ଆଏଜ୍ ନୂଆଦିଲ୍ଲୀର ରାଷ୍ଟ୍ରପତି ଭବନ୍ ନ ରାଜ୍ୟପାଲ୍ ସମ୍ମିଳନୀ ଉଦ୍‌ଘାଟନ୍ କରିକରି ଶ୍ରୀମତୀ ମୁର୍ମୁ କହିଛନ୍ ଯେ, ଭାରତୀୟ ନ୍ୟାୟ ସଂହିତା, ଭାରତୀୟ ନାଗରିକ ସୁରକ୍ଷା ସଂହିତା ଆଉ ଭାରତୀୟ ସାକ୍ଷୀ ଅଧିନିୟମ୍ ବାଗିର୍ ଆଇନ୍‌ର ନାଁନୁ ଆମର୍ ଚିନ୍ତାଧାରାଥି ପରିବର୍ତ୍ତନ୍ ସ୍ପଷ୍ଟ ହେଇଛେ । ଗଣତନ୍ତ୍ରକେ ସୁରୁଖୁରୁଥି ଚଲାବାର୍ ଲାଗି ଭିନ୍ ଭିନ୍ କେନ୍ଦ୍ରୀୟ ଏଜେନ୍ସି ସବୁ ରାଏଜେ ଉତମ୍ ସମନ୍ୱୟ ରକ୍ଷା କରିକରି କାମ୍ କର୍‌ବାର୍ ଜରୁରୀ ବଲି ରାଷ୍ଟ୍ରପତି କହିଛନ୍ । ସମ୍ପୃକ୍ତ ରାଜ୍ୟର୍ ସାମ୍ବିଧାନିକ୍ ମୁଖ୍ୟ ହିସାବେ ରାଜ୍ୟପାଲ୍‌ମାନେ କେନ୍ତା ଇ ସମନ୍ୱୟକେ ପ୍ରୋତ୍ସାହିତ୍ କର୍‌ବେ ସେ ବାବ୍‌ଦେ ଚିନ୍ତା କର୍‌ବାର୍‌କେ ରାଜ୍ୟପାଲ୍‌ମାନ୍‌କୁ ରାଷ୍ଟ୍ରପତି ପରାମର୍ଶ ଦେଇଛନ୍ । ସବୁ ରାଜ୍ୟପାଲ୍ ଲୁକ୍‌କର୍ ସେବା ଆର୍ କଲ୍ୟାଣ୍ ଲାଗି ସେମାନ୍‌କର୍ ଯୋଗ୍‌ଦାନ୍ ଜାରି ରଖ୍‌ବେ ଆର୍ ସେମାନେ ନେଇଥିବା ଶପଥ୍‌କେ ନ୍ୟାୟ ଦେବେ ବଲି ରାଷ୍ଟ୍ରପତି ବିଶ୍ୱାସବ୍ୟକ୍ତ କରିଛନ୍ ।

ଉପରାଷ୍ଟ୍ରପତି ଜଗ୍‌ଦୀପ୍ ଧନଖଡ଼୍ ଭାଷଣ୍ ଦେଇକରି ଗଲା ୧୦ ବଛର୍ ଭିତ୍‌ରେ ହେଇଥିବା ସାମାଜିକ କଲ୍ୟାଣ୍‌କାରୀ ଯୋଜ୍‌ନା ଆର୍ ଅବିଶ୍ୱସନୀୟ ବିକାଶ୍ ବାବ୍‌ଦେ ଲୋକ୍‌ମାନ୍‌କୁ ସଚେତନ୍ କର୍‌ବାର୍ ସାମ୍ବିଧାନିକ୍ ଦାୟିତ୍ୱ ନିର୍ବାହ କର୍‌ବାର୍‌କେ ରାଜ୍ୟପାଲ୍ ମାନ୍‌କୁ ଅନୁରୋଧ୍ କରିଥିଲେ ।

ପ୍ରଧାନ୍‌ମନ୍ତ୍ରୀ ନରେନ୍ଦ୍ର ମୋଦୀ ତାଙ୍କର୍ ଭାଷଣ୍‌ଥି କେନ୍ଦ୍ର ଆଉ ରାଜ୍ୟ ଭିତ୍‌ରେ ଗୁଟେ ପ୍ରଭାବଶାଳୀ ସେତୁର ଭୂମିକା ନେବାର୍‌କେ ଆଉ ଗରିବ୍ ଲୁକ୍‌କୁ ସାହାଜ୍ କର୍‌ବାର୍ ଲାଗି ଲୋକ୍ ଆଉ ସାମାଜିକ ସଂଗଠନ୍‌ମାନ୍‌କର୍ ସାଙ୍ଗେ କଥାବାର୍ତା କର୍‌ବାର୍‌କେ ରାଜ୍ୟପାଲ୍ ମାନ୍‌କୁ ଅନୁରୋଧ୍ କରିଥିଲେ । ସେ କହିଥିଲେ ଯେ, ରାଜ୍ୟପାଲ୍ ପଦ ଗୁଟେ ଗୁରୁତ୍ୱପୂର୍ଣ୍ଣ ଅନୁଷ୍ଠାନ୍ ଯେନ୍‌ଟା ସମ୍ବିଧାନ୍‌ର ଢାଂଚା ଅନ୍‌ସାରେ ଲୁକ୍‌କର୍ ଖାସ୍ କରି ଆଦିବାସୀମାନ୍‌କର୍ କଲ୍ୟାଣ୍ ଲାଗି ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ୍ କରିପାର୍‌ବା । କେନ୍ଦ୍ର ଗୃହମନ୍ତ୍ରୀ ଅମିତ୍ ଶାହା ଦୁଇଦିନିଆ ସମ୍ମିଳନୀଥି କାଣା ଆଲୋଚନା ହେବା ସେ ବାବ୍‌ଦେ କହିକରି ଲୁକ୍‌କର୍ ଭିତ୍‌ରେ ଆତ୍ମବିଶ୍ୱାସ୍ ସୃଷ୍ଟି କର୍‌ବା ଆର୍ ଉନ୍ନୟନ୍‌ମୂଲକ୍ କାମ୍‌କେ ପ୍ରୋତ୍ସାହିତ୍ କର୍‌ବାର୍ ଲାଗି ଭାଇବ୍ରେଂଟ୍ ଗ୍ରାମ ଆର୍ ଆକାଂକ୍ଷୀ ଜିଲ୍ଲା ଗସ୍ତ କର୍‌ବାର୍ ଲାଗି ରାଜ୍ୟପାଲ୍ ମାନ୍‌କୁ ଅନୁରୋଧ୍ କରିଥିଲେ ।

ମୁଖ୍ୟ ଶାସନ୍ ସଚିବ-ବୈଠକ୍ ସୂଚନା ଲୋକସମ୍ପର୍କ ବିଭାଗ୍

ରାଏଜେ ଭିତିଭୂମି ଉନ୍ନତିକରଣ୍ ବାବ୍ଦେ ରାଜ୍ୟସ୍ତରୀୟ କ୍ଷମତାପ୍ରାପ୍ତ କମିଟିର୍ ୬୨ ନମ୍ବର୍ ବୈଠକ୍ ଆଏଜ୍ ଭୁବ୍ନେଶ୍ୱର୍ ଲୋକସେବା ଭବନ୍ ନ ହେଇଯାଇଛେ । ମୁଖ୍ୟ ଶାସନ୍ ସଚିବ ମନୋଜ୍ ଆହୁଜାଙ୍କର୍ ଅଧ୍ୟକ୍ଷତାଥି ହେଇଥିବା ଇ ବୈଠକ୍‌ଥି ଉନ୍ନୟନ୍ କମିଶନର୍ ଅନୁ ଗର୍ଗ ଆଉ କମିଟିର୍ ଅଲ୍‌ଗା ସଦସ୍ୟମାନେ ଉପସ୍ଥିତ୍ ଥିଲେ । ବୈଠକ୍‌ଥି ଦକ୍ଷତା ବିକାଶ୍ ଆଉ ବୈଷୟିକ ଶିକ୍ଷା ବିଭାଗ୍, ବାଣିଜ୍ୟ ଆଉ ପରିବହନ୍, ସ୍ୱାସ୍ଥ୍ୟ ଆଉ ପରିବାର୍ କଲ୍ୟାଣ୍ ବାଗିର୍ ଭିନ୍ ଭିନ୍ ବିଭାଗ୍‌ର ଭିତିଭୂମି ଉନ୍ନୟନ୍ ପ୍ରକଳ୍ପମାନ୍‌କର୍ କାମ୍‌ର ଅଗ୍ରଗତି ବାବ୍ଦେ ପୁଙ୍ଖାନୁପୁଙ୍ଖ ଆଲୋଚନା କରାଯାଇଛେ । ମୁଖ୍ୟ ଶାସନ୍ ସଚିବ ଶ୍ରୀ ଆହୁଜା ପ୍ରକଳ୍ପମାନ୍‌କର୍ ଅଗ୍ରଗତି ବାବ୍ଦେ ଅନୁଧ୍ୟାନ୍ କର୍‌ବାର୍ ସହେତେ ଆଗ୍‌କେ ଦର୍‌କାରୀ ପଦକ୍ଷେପ୍ ନେବାର୍ ଲାଗି ବିଭାଗୀୟ ସଚିବ ମାନ୍‌କୁ ନିର୍ଦ୍ଦେଶ୍ ଆର୍ ପରାମର୍ଶ ଦେଇଛନ୍ ।

ପର୍ବତ ଆରୋହଣ ଆର୍‌ଏନ୍‌ୟୁ/ ସମ୍ବଲପୁର

ପର୍ବତାରୋହୀ ବିଭାରାଣୀ ପାତ୍ର ୟୁରୋପ୍ ମହାଦେଶର୍ ସବୁନୁ ଉଚା ଗିରିଶୃଙ୍ଗ ରଷର ମାଉଂଟ୍ ଏଲ୍‌ବ୍ରୋଶ୍ ଆରୋହଣ୍ କର୍‌ବାର୍ ଲାଗି ଯିବେ । ଇ ଅବ୍‌ସରେ ସେ

ଆଏଜ୍ ଭୁବ୍‌ନେଶ୍ୱର୍ ଲୋକ୍‌ସେବା ଭବନ୍ ନ ମୁଖ୍ୟମନ୍ତ୍ରୀ ମୋହନ୍ ଚରଣ୍ ମାଝୀଙ୍କୁ ଭେଟିଛନ୍ । ବିଭାରାଣୀ ପାତ୍ରଙ୍କର୍ ପର୍ବତାରୋହଣ୍ ଅଭିଯାନ୍ ଯୁବସମାଜ୍‌ର ସହସିକ୍ କାମ୍ ଲାଗି ଗୁଟେ ବଡ଼ ପ୍ରେରଣା ବଲି ମୁଖ୍ୟମନ୍ତ୍ରୀ କହିଛନ୍ । ପର୍ବତାରୋହଣ୍‌ଥି ସଫଲ୍ ହେଇକରି ରାଜ୍ୟ ଲାଗି ସୁନାମ୍ ଆନ୍‌ବେ ବଲି ମୁଖ୍ୟମନ୍ତ୍ରୀ ତାଙ୍କୁ ଶୁଭକାମନା ଜନେଇଛନ୍ । ଇ ସମିଆଥି ସଂସଦୀୟ ବ୍ୟାପାର୍ ଆଉ ସ୍ୱାସ୍ଥ୍ୟମନ୍ତ୍ରୀ ଡାକ୍ତର୍ ମୁକେଶ୍ ମହାଲିଙ୍ଗ ଉପସ୍ଥିତ୍ ଥିଲେ । ସେଆଡ଼େ ଇତାର୍ ଆଘୋନୁ ଢେଙ୍କାନାଲ୍ ଜିଲ୍ଲା ପ୍ରଶାସନ୍ ତରଫୁ ବିଭାରାଣୀ ପାତ୍ରଙ୍କୁ ତାଙ୍କର୍ ସଫଲ୍‌ତା କାମନା କରାଯାଇଛେ ।

ଉପବର୍ଗୀକରଣ୍- ନିତ୍ୟାନନ୍ଦ ଗଣ୍ଡ ଆର୍‌ଏନ୍‌ୟୁ/ କଟକ୍

ଅନୁସୂଚିତ ଜାତି ଆଉ ଜନଜାତି ବର୍ଗଥି ଉପବର୍ଗୀକରଣ୍ କର୍‌ବାର୍ ଲାଗି ସୁପ୍ରିମ୍‌କୋର୍ଟ ଦେଇଥିବା ରାୟକେ ଅନୁସୂଚିତ ଜାତି ଆଉ ଜନଜାତି ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ ସ୍ୱାଗତ୍ କରିଛନ୍ । ସାମ୍ବାଦିକ୍‌ମାନ୍‌କର୍ ପ୍ରଶ୍ନର୍ ଉତର୍ ଦେଇକରି ଶ୍ରୀ ଗଣ୍ଡ କହିଛନ୍ ଯେ, ଉପବର୍ଗୀକରଣ୍ ଲାଗି ଅବହେଳିତ ବର୍ଗର୍ ଲୋକ୍‌ମାନେ ଲାଭ୍ ପାଏବେ । ଇନ ଜନେଇ ଦିଆଯାଇପାରେ ଯେ, ରାଜ୍ୟ ସର୍‌କାର୍ ତଫସିଲ୍‌ଭୁକ୍ତ ଜାତି ଆଉ ଉପଜାତି ସଂରକ୍ଷିତ ବର୍ଗର୍ ଗୋଷ୍ଠୀମାନ୍‌କୁ ସଂରକ୍ଷଣ ସୁବିଧା ଦେବାର୍ ଲାଗି ପଛୁଆ

ଶ୍ରେଣୀ ଆଧାରଥି ଉପବର୍ଗୀକରଣ୍ କରିପାର୍ବେ ବଲି ସୁପ୍ରିମ୍‌କୋର୍ଟ ରାୟ ଦେଇଛନ୍ ।

ଜିଏସ୍‌ଟି ସଂଗ୍ରହ ଆର୍‌ଏନ୍‌ୟୁ/ କଟକ୍

ରାଏଜେ ସାମଗ୍ରୀ ଆଉ ସେବାକର ଜିଏସ୍‌ଟି ସଂଗ୍ରହଥି ୨୪ ଦଶ୍‌ମିକ୍ ୯/୮ ପ୍ରତିଶତ୍ ବଢ଼ିଛେ । ଗଲା ଜୁଲାଇ ମାସେ ୨ ହଜାର୍ ୩୫ କୋଟି ୧୮ ଲାଖ୍ ଟଙ୍କା ଆଦାୟ ହେଇଛେ । ଗଲାବଛର୍ ଜୁଲାଇ ମାସେ ଇ ଜିଏସ୍‌ଟି ପରିମାଣ୍ ୧ ହଜାର୍ ୬ ଶହ ୨୮ କୋଟି ୪୩ ଲାଖ୍ ଟଙ୍କା ଥିଲା । ଜୁଲାଇ ମାସ୍‌ତକ୍ ଜିଏସ୍‌ଟି ସଂଗ୍ରହ ପରିମାଣ୍ ରାଏଜେ ୮ ହଜାର୍ ୮ ଶହ ୬୬ କୋଟି ୫୫ ଲାଖ୍ ଥି ପୁହୁଁଚିଛେ । ଗଲାବଛର୍ ଇ ସମିଆ ଭିତ୍‌ରେ ଜିଏସ୍‌ଟି ସଂଗ୍ରହ ପରିମାଣ୍ ୭ ହଜାର୍ ୫୫ କୋଟି ୫୩ ଲାଖ୍ ଟଙ୍କା ଥିଲା ।

ଜବର୍‌ଦଖଲ୍‌ରେ ଜଙ୍ଗଲ ଆର୍‌ଏନ୍‌ୟୁ/ କଟକ୍

ଜବର୍‌ଦଖଲ୍ ଜଙ୍ଗଲ୍ ଜମିର୍ ପୁନରୁଦ୍ଧାର୍ ଲାଗି ରାଜ୍ୟ ସର୍‌କାର୍ ବହୁତ୍‌ଟେ କାର୍ଯ୍ୟକ୍ରମ୍ ପ୍ରସ୍ତୁତ୍ କରିଛନ୍ ବଲି ପ୍ରଧାନ୍ ମୁଖ୍ୟ ବନସଂରକ୍ଷକ ପିସିସିଏଫ୍ କହିଛନ୍ । ସୂଚ୍‌ନା ଅନ୍‌ସାରେ ରାଏଜେ ୪ ଶହ ୫ ଦଶ୍‌ମିକ୍ ଶୂନ୍/୮ ବର୍ଗ

କିଲୋମିଟର୍ ଜଙ୍ଗଲ୍ ଜମି ଏଛେନ୍ ଜବର୍ଦଖଲ୍‌ଥି ରହିଛେ । ଦକ୍ଷିଣ ଓଡ଼ିଶାର୍ ନବରଙ୍ଗ୍‌ପୁର୍, ରାୟଗଡ଼ା, କୋରାପୁଟ୍, ମାଲ୍‌କାନ୍‌ଗିରି, କଲାହାଣ୍ଡି, ଗଜପତି ଆଉ ଗଞ୍ଜାମ୍ ଜିଲ୍ଲାଥି ୭୨ ପ୍ରତିଶତ୍ ଅଂଚଲ୍ ପୁରା ଜବର୍ଦଖଲ୍‌ଥି ରହିଥିବା ପିସିସିଏଫ୍‌ଙ୍କର୍ କାର୍ଯ୍ୟାଳୟ ସୂତ୍ରନୁ ଜନାପଡ଼ିଛେ । ଇନ ଜନେଇ ଦିଆଯାଇପାରେ ଯେ, ଇ ବଛର୍ ଏପ୍ରିଲ୍ ମାସେ ଜାତୀୟ ଗ୍ରୀନ୍ ଟ୍ରିବ୍ୟୁନାଲ୍- ଏନ୍‌ଜିଟି ଦେଶେ ଜଙ୍ଗଲ୍ ଜମିଥି ଜବର୍ଦଖଲ୍ ଯାଂଚ୍ ଲାଗି ପ୍ରକ୍ରିୟା ମୁଲ୍ କରିଥିଲେ । ଏନ୍‌ଜିଟି ତର୍ଫୁ ରାଜ୍ୟ ସର୍କାର୍‌ଙ୍କୁ ଜଙ୍ଗଲ୍ ଜମି ଜବର୍ଦଖଲ୍ ବାବ୍‌ଦେ ସବୁ ତଥ୍ୟ ଦେବାର୍ ଲାଗି କୁହାଯାଇଥିଲା । ଇ କ୍ରମଥି ରାଏଜେ ଇ ବଛର୍ ମାର୍ଚ୍ଚ ମାସ୍‌ତକ୍ ୪ ଶହ ୫ ଦଶ୍‌ମିକ୍ ଶୂନ୍/୮ ବର୍ଗକିଲୋମିଟର୍ ଜଙ୍ଗଲ୍ ଜମି ଜବର୍ଦଖଲ୍‌ଥି ରହିଥିବାର୍ ବାବ୍‌ଦେ ଏନ୍‌ଜିଟିକେ ତଥ୍ୟ ଦିଆଯାଇଛେ ।

ଛାତ୍ରଛାତ୍ରୀ କେରିଅର୍ କାଉନ୍‌ସେଲିଂ ଆର୍‌ଏନ୍‌ୟୁ/ କଟକ୍

ରାଏଜେ ଛାତ୍ରଛାତ୍ରୀଙ୍କର୍ କେରିଅର୍ କାଉନ୍‌ସେଲିଂ କରାଯିବା ବଲି ଓସେପା ତର୍ଫୁ କୁହାଯାଇଛେ । ଇ ଶିକ୍ଷା ବଛର୍‌ନୁ ବିଦ୍ୟାଳୟ ମାନ୍‌କେ ସେମାନ୍‌କର୍ ଭବିଷ୍ୟତ୍ ଶିକ୍ଷା ଲାଗି ଛାତ୍ରଛାତ୍ରୀମାନ୍‌କୁ ମାର୍ଗଦର୍ଶନ୍ କରାଯିବା । ଇଥିର୍‌ଲାଗି ଗୁଟେ ସ୍ୱତନ୍ତ୍ର ୱେବିନାର୍ ଓସେପା ତର୍ଫୁ

ଆଏବା କାଏଲ୍ ସଖାଲ୍‌ବେଲା ହେବା । ସର୍‌କାରୀ ଅନୁଦାନ୍ ପାଉଥିବା ବିଦ୍ୟାଳୟ, ଓଡ଼ିଶା ଆଦର୍ଶ ବିଦ୍ୟାଳୟ ଆଉ ଓଏସ୍‌ଡି ସ୍କୁଲ୍‌ଥି ଇ କାର୍ଯ୍ୟକ୍ରମ୍ ଅନ୍‌ଲାଇନ୍ ଜରିଆଥି ହେବା । ଓଡ଼ିଶା ବିଦ୍ୟାଳୟ ଶିକ୍ଷା କାର୍ଯ୍ୟକ୍ରମ୍ ପ୍ରାଧିକରଣ୍ ଓସେପା ତର୍‌ଫୁ ଇ ବାବ୍‌ଦେ ସବୁ ଜିଲ୍ଲାଶିକ୍ଷା ଅଧିକାରୀମାନ୍‌କୁ ଚିଠି ଦିଆଯାଇଛେ ।

ବିଦ୍ୟୁତ୍ ଯୋଗାଣ ବନ୍ଦ୍ କଲାହାଣ୍ଡି ସମ୍ବାଦଦାତା

ବିଦ୍ୟୁତ୍ ବିତରଣ୍ କମ୍ପାନୀ - ଟିପିଡବ୍ଲୁଓଡିଏଲ୍ ତର୍‌ଫୁ କଲାହାଣ୍ଡି ଜିଲ୍ଲାର୍ କେସିଙ୍ଗା ଗ୍ରୀଡ୍ ସବ୍-ଷ୍ଟେସନ୍‌ଥି ମରାମତି କାମ୍ ଲାଗି ଆଏବାକାଏଲ୍ ସଖାଲର୍ ୮ ବଜେନୁ ମଏଧାନର୍ ୧୨ ବଜେତକ୍ ବିଦ୍ୟୁତ୍ ଯୋଗାଣ ବନ୍ଦ୍ ରହେବା । ଇ ମରାମତି କାମ୍ ଲାଗି ଜିଲ୍ଲାର୍ ନର୍ଲା ବ୍ଲକ୍‌ର ନର୍ଲା, ସର୍ଗିଗୁଡ଼ା, ରୂପ୍ରାରୋଡ୍, ରୂପ୍ରା, ମୁସ୍କୁଟି, ଗିଗ୍‌ନା, ବାଲିପଡ଼ା, ସେରଗଡ଼୍, ଉଲିକୁପା, ଶାନ୍ତପୁର୍ ଇଲାକା ନ ବିଦ୍ୟୁତ୍ ଯୋଗାଣ ପ୍ରଭାବିତ୍ ହେବା । ସେନ୍ତା ଲାଞ୍ଜିଗଡ଼୍ ବ୍ଲକ୍‌ର ଲାଞ୍ଜିଗଡ଼୍, ଲାଞ୍ଜିଗଡ଼୍ ରୋଡ୍, ବନ୍ଧପରି, ବିଜେପୁର୍‌ବାଗିର୍ ଏରିଆ ଆଉର୍ ଏମ୍.ରାମ୍‌ପୁର୍ ବ୍ଲକ୍‌ର ଏମ୍.ରାମ୍‌ପୁର୍, ବମ୍‌କା, ମୋହନ୍‌ଗିରି, ମଦନ୍‌ପୁର୍ ଆର୍ ଇତାର୍ ଆଖର୍‌ପାଖର୍ ଇଲାକା ନ ସଖାଲର୍ ୮ ବଜେନୁ

ମଏଧାନର୍ ୧୨ ବଜେତକ୍ ବିଦ୍ୟୁତ୍ ଯୋଗାଣ ବନ୍ଦ୍ ରହେବା ।

ଡେଙ୍ଗୁ ସଚେତନତା ବୈଠକ୍ ବୌଦ୍ଧ ସମ୍ବାଦଦାତା

ବୌଦ୍ଧ ଜିଲ୍ଲାପାଳଙ୍କର୍ ସମ୍ମିଳନୀ କକ୍ଷ ନ ଡେଙ୍ଗୁ ନିବାରଣ ମାସ ପାଳନ୍, ଅନ୍ତବିଭାଗୀୟ ଏକାଭିମୁଖୀ ବୈଠକ୍ ହେଇଯାଇଛେ । ଅତିରିକ୍ତ ଜିଲ୍ଲାପାଳ୍ ଅନିରୁଦ୍ଧ ପ୍ରଧାନ୍ଙ୍କର୍ ଅଧ୍ୟକ୍ଷତାଥି ହେଇଥିବା ଇ ବୈଠକ୍ଥି ଡେଙ୍ଗୁ, ମେଲେରିଆ ଜରର୍ ଲକ୍ଷଣ୍ ଆର୍ ପ୍ରତିକାର୍ ଆଉ ପ୍ରତିରୋଧ୍ ବ୍ୟବସ୍ଥା ବାବ୍‌ଦେ ଆଲୋଚନା କରାଯାଇଥିଲା ।

ସଚେତନତା ଶିବିର ନୂଆପଡ଼ା ସମ୍ବାଦଦାତା

ନୂଆପଡ଼ା ଜିଲ୍ଲା ଖଡ଼ିଆଲ୍ ବିଜ୍ଞପିତ ଅଂଚଲ୍ ପରିଷଦ୍ ତର୍‌ଫୁ ମେଲେରିଆ, ଡେଙ୍ଗୁ, ଡାଇରିଆ ବାବ୍‌ଦେ ଗୁଟେ ସଚେତନତା ଶିବିର ହେଇଯାଇଛେ । ଖଡ଼ିଆଲ୍ ନଗର୍ ଅଧ୍ୟକ୍ଷ ଉଜଲ୍ ଗୁପ୍ତା, ଭାରପ୍ରାପ୍ତ ନିର୍ବାହୀ ଅଧିକାରୀ ବିର୍‌ସେନ୍ ବେହେରାଙ୍କର୍ ଦେଖ୍‌ରେଖ୍‌ଥି ହେଇଥିବା ଇ ଶିବିରଥି ଲୁକେ ସଚେତନ୍ ହେଲେ ଇସବୁ ରୋଗ୍ ନାଇଁ ହୁଏ ବଲି ମତପ୍ରକାଶ୍ ପାଇଥିଲା ।

ହୀରାକୁଦ୍ ଜଲ୍‌ଭଣ୍ଡାର        ସମ୍ବଲପୁର୍ ସମ୍ବାଦଦାତା

ହୀରାକୁଦ୍ ଜଲ୍‌ଭଣ୍ଡାର୍‌ର ଜଲ୍‌ସ୍ତର୍ ଆଏଜ୍ ସଞ୍ଜ୍‌ବେଲର୍ ୬ ବଜେ ୬ ଶହ ୮ ଦଶ୍‌ମିକ୍ ୬/୯ ଫୁଟ୍ ରହିଛେ । ଇ ସମିଆଥି ଫି ସେକେଣ୍ଡ୍‌ଥି ଜଲ୍‌ଭଣ୍ଡାର୍‌କେ ୧ ଲାଖ୍ ୨୬ ହଜାର୍ ୯ ଶହ ୩୭ ଘନଫୁଟ୍ ପାଏନ୍ ଆସୁଛେ । ଜଲ୍‌ଭଣ୍ଡାର୍‌ନୁ ୬ ଟା ଗେଟ୍, ପାୱାର୍ ଚେନାଲ୍ ଆର୍ କେନାଲ୍ ଜରିଏ ଫି ସେକେଣ୍ଡଥି ସମାନ୍ ପରିମାଣ୍‌ର ପାଏନ୍ ଛଡ଼ାଯାଉଛେ ।

ପାଣିପାଗ     ଆର୍‌ଏନ୍‌ୟୁ/ କଟକ୍

ରାଏଜେ ବନ୍ୟା ଥିତି ନାଇଁନ ବଲି ଜଲ୍‌ସମ୍ପଦ୍ ବିଭାଗ୍‌ର ସର୍ବୋଚ୍ଚ ଯନ୍ତ୍ରୀ ଭକ୍ତରଞ୍ଜନ୍ ମହାନ୍ତି କହିଛନ୍ । ସୂଚ୍‌ନା ଅନ୍‌ସାରେ ଭିନ୍ ଭିନ୍ ନଦୀର୍ ଜଲ୍‌ସ୍ତର୍ ବିପଦ୍ ସଙ୍କେତ୍‌ର ବହୁତ୍ ତଲେ ରହିଛେ । ବ୍ରାହ୍ମଣୀ ନଦୀର୍ ଜଲ୍‌ସ୍ତର୍ ଟିକେ ବଢ଼ିଛେ । ଲଘୁଚାପ୍ ବର୍ଷା ନଦୀର୍ ଜଲ୍‌ସ୍ତର୍‌କେ ବଢ଼ାବାର୍‌କେ ବିଶେଷ୍ ପ୍ରଭାବ୍ ନାଇଁପକାଏ ବଲି ଶ୍ରୀ ମହାନ୍ତି କହିଛନ୍ । ସେଆଡ଼େ ବଙ୍ଗୋପ୍‌ସାଗର୍ ନ ସୃଷ୍ଟି ହେଇଥିବା ଘୂର୍ଣ୍ଣିବଳୟ ଆଏଜ୍ ଲଘୁଚାପ୍‌ଥି ପରିଣତ୍ ହେବାର୍ ସମ୍ଭାବନା ରହିଛେ । ଇତାର୍‌ପ୍ରଭାବ୍‌ଥି ରାଜ୍ୟର୍

ଭିନ୍ ଭିନ୍ ଜାଗା ନ ବର୍ଷା ଲାଗି ରହିଛେ । ଭୁବ୍ନେଶ୍ୱର୍ ଆଂଚଲିକ୍ ପାଣିପାଗ୍ ବିଜ୍ଞାନ୍ କେନ୍ଦ୍ରର୍ ସୂଚ୍ନା ଅନ୍ସାରେ ଆଏବା ୨୪ ଘଂଟା ଭିତ୍ରେ ଝାର୍ସୁଗୁଡ଼ା, ସୁନ୍ଦର୍ଗଡ୍, କେନ୍ଦୁଝର୍, ସମ୍ବଲ୍ପୁର୍, ଦେବ୍ଗଡ୍ ଆର୍ ବର୍ଗଡ୍ ଜିଲ୍ଲାର୍ କେତେଟା ଜାଗା ନ ଜବର୍ ବର୍ଷା ହେବାର୍ ସମ୍ଭାବନା ଥିବାର୍ନୁ ଇ ସବୁ ଜିଲ୍ଲାମାନ୍କେ ସତର୍କ ସୂଚ୍ନା ଜାରି କରାଯାଇଛେ । ଗଲାକାଏଲ୍ ବାରିପଦା ନ ରାଏଜର୍ ସବୁନୁ ଅଏତ୍କା ବର୍ଷା ଶହେ ୫୮ ମିଲିମିଟର୍ ରେକର୍ଡ଼ କରାଯାଇଥିଲା ।